ତହସିଲଦାରଙ୍କ କାର୍ଯ୍ୟାଳୟ, ତେନ୍ତୁଲିଖୁଣ୍ଟି

ଜିଲ୍ଲା- ନବରଙ୍ଗପୁର (ଓଡ଼ିଶା)

**OFFICE OF THE TAHSILDAR, TENTULIKHUNTI**

**District : NABARANGPUR (ODISHA)**

At/Po- Tentulikhunti
PIN- 764070
Phone.: 06858-228555
*E-mail : tah.tentulik-od@nic.in*


ବିଜ୍ଞାପନ ସଂଖ୍ୟା ୭୭୪/୨୦୨୦ | ତା: ୨୫.୦୬.୨୦୨୦

# ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ତେନ୍ତୁଲିଖୁଣ୍ଟି ତହସିଲ ଅନ୍ତର୍ଗତ annexure-I ରେ ଉଲେଖିତ ଯଥା ଲଘୁ ଖଣିଜ ଦ୍ରବ୍ୟ ଉତ୍ସ (ପଥର/ ବାଲି ଖାଦାନ ଗୁଡିକର ଆସନ୍ତା ପାଞ୍ଚ ବର୍ଷ ନିମନ୍ତେ ଲିଜ ସକାଶେ ଦରଖାସ୍ତ ଆହ୍ୱାନ କରାଯାଉଅଛି ) । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC rules 2016 ଅନୁଯାୟୀ Form- M ପୂରଣ କରି ଏହାର ୩ କିତା ନକଲ ସହ ନିମ୍ନ ଲିଖିତ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାଫାରେ ରେଜିଷ୍ଟ୍ରି/ ସ୍ପୀଡ ପୋଷ୍ଟ ଜରିଆରେ ତହସିଲଦାର ତେନ୍ତୁଲିଖୁଣ୍ଟି ଠିକଣାରେ କିମ୍ବା ତହସିଲ କାର୍ଯ୍ୟାଳୟ ରେ ଥିବା ଡ୍ରପ ବୋକ୍ସ ରେ ଆସନ୍ତା ତା: ୨୬.୦୬.୨୦୨୦ ରୁ ୧୩.୦୭.୨୦୨୦ ଅପରାହ୍ନ 1 ଘଣ୍ଟା ପର୍ଯ୍ୟନ୍ତ ଦାଖଲ କରିବା ହେବେ (ଛୁଟି ଦିନ ବ୍ୟତୀତ) । ଲଫଫା ଉପରେ ସଇରାତ ଉତ୍ସ ର ନାମ ଥିବା ଆବଶ୍ୟକ । ଉପରକ୍ତ ଧାର୍ଯ୍ୟ ସମୟ ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଏ ସମସ୍ତ ଦରଖାସ୍ତ ଗୁଡିକ ସେହି ଦିନ ତା: ୧୩.୦୭.୨୦୨୦ ଅପରାହ୍ନ ୩ ଘଟିକା ସମୟରେ ତହସିଲ କାର୍ଯ୍ୟାଳୟରେ ଜଉମୁଦ ଲଫଫା ଖୋଲା ଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । ଦରଖାସ୍ତକାରୀ ଚାହିଁଲେ ଉକ୍ତ ଚୟନ ପ୍ରକ୍ରିୟାରେ ନିଜେ କିମ୍ବା ତାଙ୍କ ପ୍ରତିନିଧି ଉପସ୍ଥିତରହିପାରନ୍ତି । ତନଖି ସମୟରେ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡିକ ଖାରଜ କରାଯିବ । ଧାର୍ଯ୍ୟ ତାରିଖ ଓ ସମୟରେ କେହି ଅନୁପସ୍ଥିତ ରହିଲେ ସେଥିପାଇଁ ନିଲାମ କାର୍ଯ୍ୟ ଅଟକିବା ନାହିଁ । ଉପରକ୍ତ ଦିନ କୌଣସି କାରଣରୁ ନିଲାମ ନ ହୋଇ ପାରିଲେ ପରବର୍ତ୍ତୀ ନିଲାମ ୧୮.୦୭.୨୦୨୦ ରିଖ ଅପରାହ୍ନ ୪ ଘଣ୍ଟା ସମୟରେ ଅନୁଷ୍ଠିତ ହେବ । ଯଦି ପ୍ରଥମ ଧାର୍ଯ୍ୟ ତାରିଖ ସମୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ ପ୍ରାପ୍ତ ହୋଇ ନଥାଏ ବା ସମସ୍ତ ଦରଖାସ୍ତକାରୀ ଲିଜ ପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ତାହେଲେ ଦ୍ୱିତୀୟ ଥର ପାଇଁ ତା: ୨୭.୦୭.୨୦୨୦ ଓ ତୃତୀୟ ଥର ପାଇଁ ୩୦.୦୭.୨୦୨୦ ରିଖ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଇଚ୍ଛୁକ ବ୍ୟକ୍ତି ସେହିପରି ଭାବରେ ଦରଖାସ୍ତ କରିପାରିବେ । ସେଗୁଡିକ ଅପରାହ୍ନ ୫ ଘଟିକା ସମୟରେ ଉକ୍ତ ଦିନ ମାନଙ୍କରେ ତହସିଲ କାର୍ଯ୍ୟାଳୟରେ ଖୋଲା ଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ ରଦ୍ଦ କରିବାର କ୍ଷମତା ପ୍ରାପ୍ତ ଅଧିକାରୀ ଓ ଜିଲାପାଳ ନବରଙ୍ଗପୁର ଙ୍କ ରହିଛି ।

ତହସିଲଦାର, ତେନ୍ତୁଲିଖୁଣ୍ଟି

ସର୍ତ୍ତାବଳୀ

1. ଦରଖାସ୍ତ ଦେବା ପୂର୍ବରୁ ସୈରତ୍ ଉସ ଗୁଡିକୁ ପରିଦର୍ଶନ କରି ସୈରତ୍ ପରିଚାଳନା ପାଇଁ ଗମନାଗମନର ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ପଦାର୍ଥ ଆଦି ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ହେବେ ।
2. ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମାବଳୀ-2016(OMMC RULE-2016) ର ପରିସରଭୁକ୍ତ ରହିବେ ।
3. ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ ( Additional Charge ) ବାବଦ କୁ ସର୍ବୋଚ୍ଚ ମୂଲ୍ୟ ଦରର କରିଥିବା ନିଲାମଧାରୀଙ୍କ ଲିଜ୍ ପ୍ରଦାନ କରାଯିବ ଯଦି ଏକ ରୁ ଅଧିକ ନିଲାମଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ଦରର କରିଥିବେ , ତେବେ ଲଟେରୀ ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ ।
4. ସ୍ଥିରୀକୃତ ହୋଇଥିବା MGQ ଲଘୁ ଖଣିଜଦ୍ରବ୍ୟର ବାର୍ଷିକ ପରିମାଣ ସହିତ ଲିଜଧାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ ( Additional Charge ) ରୟାଲିଟି ପଥର ନିମନ୍ତେ @Rs.130/- ଓ ବାଲି ନିମନ୍ତେ @Rs.30/-.ଏବଂ Contribution payable to DMF per CM ଗୁଣନ କରି ସଂପୃକ୍ତ ରାଶିର 25% କୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି ( Earnest Money ) କୁ ବାଦ ଦେଇ ଏକତ୍ର କରି ଅମାନତ ରାଶି ( Security Deposit) ଭାବରେ ଦାଖଲ କରିବେ ଏହି ଅମାନତ ରାଶି ବିନା ସୁଧ ( interest free ) ରେ ରଖାଯିବ ।
5. ସର୍ବୋଚ୍ଚ ନିଲାମଧାରୀ ଉସ ପାଇଁ ପୂର୍ବରୁ ପ୍ରସ୍ତୁତ ହୋଇଥିବା Mining Plan ବାବଦର ମୂଲ୍ୟ ପୈଠ କରିବାକୁ ହେବ । ପୁନଶ୍ଚ ନିଜଖର୍ଚ୍ଚରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପରିବେଶ ମଞ୍ଜୁରୀ ( Environmental Clearance ) ସଂପୃକ୍ତ ଅଧିକାରୀଙ୍କ ଠାରୁ ହାସଲ କରିବେ ।
6. ଯଦି ସର୍ବୋଚ୍ଚ Additional Charge ବା ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମସ୍ତ ଦେୟ ପୈଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।
7. ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶି ଠାରୁ ଅତି କମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ଉଚ୍ଚ କରାଯାଇ ( Controlling Authority ) ଙ୍କ ଅନୁମତି କ୍ରମେ ନୂତନରୂପେ ନିଲାମ କରାଯିବ ।
8. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତଥା ବିଜ୍ଞାପନରେ ଆବଶ୍ୟକ ଦସ୍ତାବିଜ ଦାଖଲ କରି ନଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।
9. ନିଲାମଧାରୀ OMMC Rule-2016 ର ନିୟମ-33(1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ୍ୟ ହେବେ ।
10. ନିଲାମଧାରୀ ଲଘୁ ଖଣିଜଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ ତଥା କୌଣସି ଭାରୀଯାନ ଯେପରିକି ହାଇୱା ଇତ୍ୟାଦି ନଦୀବନ୍ଧ ଉପରେ ଚଳାଇବେ ନାହିଁ ।
11. ନିଲାମଧାରୀ ଉତ୍ପାଦିତ ଲଘୁ ଖଣିଜଦ୍ରବ୍ୟକୁ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ବିନା ଅନୁମତିରେ ରାଜ୍ୟ ବାହାରକୁ ଚାଲାଣ କରିପାରିବେ ନାହିଁ ।

ପ୍ରଦୀପ କୁମାର ଦାସ

ତହସିଲଦାର, ତେନ୍ତୁଳିଖୁଣ୍ଟି

ତହସିଲଦାର
ତେନ୍ତୁଳିଖୁଣ୍ଟି

12. ଲିଜଧାରୀ Mines Act 1952 ଏବଂ Explosive Act 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ ।

13. ସର୍ବୋଚ୍ଚ ନିଲାମଧାରୀ ବାଲି ଓ ପଥର ଉଠ ପରିଚାଳନା ନିମନ୍ତେ ଆବଶ୍ୟକିୟ ମଞ୍ଜୁରୀ ( Consent to establish & consent to operate ) ଓଡିଶା ପ୍ରଦୂଷଣ ବୋର୍ଡରୁ (Orissa Pollution Control Board ) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।

14. ସର୍ବୋଚ୍ଚ ନିଲାମଧାରୀ ସମସ୍ତ ଦେୟ ଜମା କରିବା ପରେ ସେ ଫାରମ ଏନ ( Form N )ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ ରେଜିଷ୍ଟ୍ରେସନ (ରେଜିଷ୍ଟ୍ରେସନ ଆକ୍ଟ- 1908 ଏ ଷ୍ଟାମ୍ପ ଆକ୍ଟ-1899 ଅନୁଯାୟୀ) ସମ୍ପାଦନ କରିବେ । ଏବଂ ପରବର୍ତ୍ତୀ ବର୍ଷଗୁଡିକୁ ପାଇଁ ପ୍ରତ୍ୟେକ ବର୍ଷ ଜାନୁୟାରୀ ମାସ 15 ତାରିଖ ପୂର୍ବରୁ ପଇଠ କରିବା ହେବେ ।

15. ଲିଜଧାରୀ ଦାଖଲ କରୁଥିବା ସମସ୍ତ ଦେୟ ଯଥା ରୟାଲଟି ଓ ଅନ୍ୟାନ୍ୟ ଦେୟର 2% ଆୟକର (TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।

16. ସୂଚନାଫଳକ (Display Board) ତିଆରି କରି ସେଥିରେ ସୈରାତ ଉଠର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟା ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

17. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲା ପରେ କର୍ଯ୍ୟାଦେଶ ଦିଆଯିବ । କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉଠରୁ ବାଲି ଓ ପଥର ଉଠ ଉଠାଇପାରିବେ ନାହିଁ ।

18. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ ଗ୍ରହିତା ଓଡିସା ଲଘୁ ଖଣିଜ ନିୟମ 2016 ଏବଂ ତତସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।

19. ଯଦି ଉକ୍ତ ନିଲାମ ଇସ୍ତାହାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

ପ୍ରଦୀପ କୁମାର କର

ତହସିଲଦାର, ତେନ୍ତୁଳିଖୁଣ୍ଟି

ଜ୍ଞାପକ ସଂଖ୍ୟା- ୪75 ତା- 25.6.20.

ଏହାର ନକଲ ଓ ଫାରମ-ଏମ (Form-M) ର ନକଲ ଜିଲ୍ଲାପାଳ, ନବରଙ୍ଗପୁର / ଅତିରିକ୍ତ ଉପଜିଲ୍ଲାପାଳ, ନବରଙ୍ଗପୁର / ଉପଜିଲ୍ଲାପାଳ, ନବରଙ୍ଗପୁର/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ନବରଙ୍ଗପୁର ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ , ନବରଙ୍ଗପୁର ନୋଟିସ ବୋର୍ଡ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡ / ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡ / ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଗଲା

ଏହାର ନକଲ ସମ୍ପୃକ୍ତ ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

ପ୍ରଦୀପ କୁମାର କର

ତହସିଲଦାର, ତେନ୍ତୁଳିଖୁଣ୍ଟି

ତହସିଲଦାର
ତେନ୍ତୁଳିଖୁଣ୍ଟି

# ଦରଖାସ୍ତଶହ ଦାଖଲ କରିବାକୁ ଥିବା ଦସ୍ତାବିଜ

1. ଦରଖାସ୍ତ ପାଉଣା ବାବଦକୁ ଟ. ୧୦୦୦ (ଏକହଜାର ଟଙ୍କା) ର ଟ୍ରେଜେରୀ ଚାଲାଣ ସଂଲଗ୍ନ କରିବେ (Head of account 0853-Non-ferrous Mining and Metallurgical Industries-102-Mining Concession fees, Rents and Royalties).
2. ଦରଖାସ୍ତ କରୁଥିବା ଲଘୁ ଖଣିଜ ଉତ୍ସର ସଂପୂର୍ଣ୍ଣ ବିବରଣୀ ଏହି ବିଜ୍ଞାପନରେ ଥିବା ଉତ୍ସର ନାମ, ଖାତା ନଂ, ପ୍ଲଟ ନଂ, ରକବା ଏବଂ କିସମର ସଠିକ ତଥ୍ୟ ଲେଖିବା ବିଧେୟ ।
3. ଆବେଦନକାରୀଙ୍କ କୌଣସି ଖଣିଜ ଦେୟ ବକେୟା ନଥିବା ନେଇ ଏକ ସତ୍ୟ ପାଠ ଦେବେ ।
4. ଦରଖାସ୍ତକାରୀ Annexure-I ର ସ୍ତମ୍ଭ 12 ରେ ଦର୍ଶିତା ମୂଲ୍ୟ ବା ତଦୁର୍ଦ୍ଧ୍ୱ ମୂଲ୍ୟର Bank Guarantee ଯାହାର ଅବଧି ପରବର୍ତ୍ତୀ 18 ମାସ ପର୍ଯ୍ୟନ୍ତ ଥିବ ତାହା ଦାଖଲ କରିବେ ।
5. ଆବେଦନକାରୀ Royalty ଓ ଅତିରିକ୍ତ ଦେୟ (Additional Charge) ବାବଦକୁ ବାର୍ଷିକ ଶତକଡା 5% ହାରରେ ସ୍ଥିରୀକୃତ ହୋଇଥିବା ବାଲି ଓ ପଥର ପରିମାଣ ଉପରେ ଦେୟ ଅମାନତ ରାଶି (Earnest Money) Demand Draft ଆକାରରେ Tahasildar, Tentulikhunti and Payable at SBI, Khatiguda ଙ୍କ ନାମେ ପ୍ରସ୍ତୁତ କରି ଦରଖାସ୍ତ ଫୋରମ ସହିତ ସଂଲଗ୍ନ କରିବେ ।
6. ଆବେଦନକାରୀ Solvency Certificate ପରିବର୍ତ୍ତେ Bank Guarantee ସଂପୃକ୍ତ ଖଣିର ବାର୍ଷିକ ଉତ୍ତୋଳନ ହେବାକୁ ଥିବା ମୋଟ " MGQ X (Royalty+Additional Charge Offered)" ସମାନ ଅର୍ଥ ପରିମାଣରେ Bank Guarantee ତହସିଲଦାର ତେନ୍ତୁଳିଖୁଣ୍ଟିଙ୍କ ସପକ୍ଷରେ ଦାଖଲ କରିବା ସଙ୍ଗେ ସଙ୍ଗେ ଚଳିତ ବର୍ଷ IT ଦାଖଲ କରିବେ ।
7. ନିଲାମଧାରୀ (Successfull Bidder), Mining Plan and Environmental Clearance ବାବତକୁ ଦେୟ ପଇଠ କରିବାକୁ ହେବ ।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲିକ୍ଷିତ ହୁଏ ତେବେ ତାହା ସଂଶଧନ କରିବାର ଅଧିକାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ରହିଛି । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି ତହସିଲ କାର୍ଯ୍ୟାଳୟ (ଛୁଟି ଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳି ପାରିବ ଓ ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ନବରଙ୍ଗପୁର ଜିଲ୍ଲା website- nabarangpur.nic.in ରେ ଉପଲବ୍ଧ ଅଟେ । ଏହା ବ୍ୟତୀତ ଏ ସମ୍ବନ୍ଧୀୟ ସମସ୍ତ ବିବରଣୀ ଓ ଅନ୍ୟାନ୍ୟ ନିୟମା ବଳି ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରୁ ଯେ କୌଣସି କାର୍ଯ୍ୟ ଦିବସରେ ମିଳିପାରିବ ।

ପ୍ରଦୀପ୍ତ କୁମାର ଜେନା

ତହସିଲଦାର, ତେନ୍ତୁଳିଖୁଣ୍ଟି

ତେନ୍ତୁଳିଖୁଣ୍ଟି

# Annexure-I

## ସଇରାତ ଉତ୍ସ ର ବିସ୍ତାରିତ ବିବରଣୀ

| କ୍ର. ନଂ. | TMC No. | ମୌଜା ର ନାମ | ଖାତା ନଂ | ପ୍ଲଟ ନଂ | ରକବା ଏକର ରେ | କିସମ | ଲଘୁ ଖଣିଜ ର ନାମ | ବାର୍ଷିକ ସର୍ବନିମ୍ନ ରୟାଲିଟି ର ଧାର୍ଯ୍ୟ ମୂଲ୍ୟ ଟଙ୍କାରେ | ଅତିରିକ୍ତ ଦେୟ ଟଙ୍କାରେ | **MGQ** ଅନୁଯାୟୀ ଧାର୍ଯ୍ୟ ବାଲି ର / ପଥର ର ପରିମାଣ | **Bank Guarantee (not less than) of Rupees** | ଅଗ୍ରୀମ ଦାଖଲ କରିବାକୁ ଥିବା ଅମାନତ ରାଶି **Earnest Money** ପରିମାଣ ଟଙ୍କାରେ |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧ | ୧/୨୦୨୦ | ଅମଳା ଭଟା | ୩୩୫ | ୧୪୫୩ | ୨.୦୦ | ପର୍ବତ | ପଥର | ୧୩୦.୦୦ | ୧୦.୦୦ | ୩୦୫୬ cm | ୪୨୭୮୪୦.୦୦ | ୨୧୩୯୨.୦୦ |
| ୨ | ୨/୨୦୨୦ | ଭରଣପୁର | ୫୦୯ | ୭୪୪ | ୧.୨୫ | ପଥର ବଣି | ପଥର | ୧୩୦.୦୦ | ୧୦.୦୦ | ୧୫୭୩୪ cm | ୨୨୦୨୭୬୦.୦୦ | ୧୧୦୧୩୮.୦୦ |
| | | ଭରଣପୁର | ୫୦୯ | ୮୫୮ | ୬.୨୦ | ପଥରବଣି | ପଥର | ୧୩୦.୦୦ | ୧୦.୦୦ | | | |
| ୩. | ୩/୨୦୨୦ | ଡଙ୍ଗାସିଲ | ୨୫ | ୮୭ | ୧.୦୫ | ପଥରବଣି | ପଥର | ୧୩୦.୦୦ | ୧୦.୦୦ | ୧୭୬୪ cm | ୨୪୬୯୬୦.୦୦ | ୧୨୩୪୮.୦୦ |
| ୪. | ୪/୨୦୨୦ | କମତା | ୫୫୧ | ୧୮୬୦ | ୦.୭୨ | ପଥରବଣି | ପଥର | ୧୩୦.୦୦ | ୧୦.୦୦ | ୩୮୧୬ cm | ୫୩୪୨୪୦.୦୦ | ୨୬୭୧୨.୦୦ |
| | | କାମତା | ୫୫୧ | ୧୮୬୧ | ୧.୫୦ | ପଥରବଣି | ପଥର | ୧୩୦.୦୦ | ୧୦.୦୦ | | | |
| ୫. | ୫/୨୦୨୦ | କଙ୍କରା | ୭୯୨ | ୧୧୦୮ | ୫.୦୦ | ପତୀତ | ପଥର | ୧୩୦.୦୦ | ୧୦.୦୦ | ୭୮୯୬ cm | ୧୧୦୫୪୪୦.୦୦ | ୫୫୨୭୨.୦୦ |
| ୬. | ୬/୨୦୨୦ | ଫଟାଗୁଡା | ୧୪୩ | ୮୪ | ୬.୦୦ | ନଦୀ | ବାଲି | ୩୫.୦୦ | ୦୫.୦୦ | ୭୬୧୦ cm | ୩୦୪୪୦୦.୦୦ | ୧୫୨୨୦.୦୦ |

ପ୍ରଦୀପ କୁମାର କର

ତହସିଲଦାର, ଟେନ୍ତୁଳିଖୁଣ୍ଟି

FORM – M

Application for grant of Quarry Lease

[*See* rule 27(4)]

To

..........................................................................................................................

Dated the 20

Sir,

1. I/We submit an application for a quarry lease for.............(mineral) for a term of .................... years over............hectares of land in the area specified in the *Annexure* given below:-
2. A sum of Rs......... payable as fee (Non-refundable) for grant of such lease under sub-rule (4) of rule 27 of the Odisha Minor Mineral Concession Rules, 20........ has been paid in the Government Treasury at............and a receipted challan bearing No.......... dated.......is enclosed.
3. The required particulars are given below:-
   - i) An affidavit stating that no mining due payable under the Act and Rules made there under is outstanding against the applicant.
   - ii) Where land belongs to private persons, consent of all such persons for grant of quarry lease.
   - iii) Solvency certificate and list of immovable property from the Revenue Authority.
4. (i) Name and address of the applicant...................................................
   - (ii) Nationality of the applicant.........................................................
   - (iii) Profession of the applicant.........................................................
   - (iv) Particulars of the areas, mineral wise, within the State for which the applicant or any person having joint interest with him..............................................
     - a) Already holds a quarry lease..............................................
     - b) Has already applied for a quarry lease but not granted ..........................
     - c) Being applied for simultaneously..........................................
     - d) Nature of joint interest, if any..............................................
   - (v) Means by which the minor minerals is/are to be raised, i.e. whether manual or mechanical.....................
   - (vi) Manner in which the minor mineral raised to be utilized-
     - (a) For manufacture.. .....................
     - (b) For sale......................................
     - (c) Any other purpose....................
   - (vii) Details of the plan boundary description and land schedule of the area applied for to be enclosed.

(viii) Has the applicant any previous experience in quarrying/mining? If yes, details should be given................

(ix) Financial Resources of the applicant.

(a)

(b)

(x) Total investment in the operations anticipated....................

(xi) Any other particulars which the applicant wishes to furnish:

(a) Name of the village/Forest Block

(b) Whether the area belongs to Scheduled Area.

(c) Details of the area applied for in each Survey Number

(d) Full description of the area applied for with regard to nature features

(e) District..................

5. Rate of additional charge (per cubic meter) quoted-

**N.B:** The application shall be summarily rejected if the rate of additional charge quoted is less than the rate of additional charge specified in the notification.

I/We hereby declare that the particulars furnished above are correct and undertake to furnish any other details, plan, etc., as may be required by you.

Yours faithfully,

Place.........

Date..........

Signature of the applicant

**N.B:** If the application is signed by an authorised agent of the applicant, the power of attorney should be attached.